# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 22 December – 2025

# ମୁଖ୍ୟମନ୍ତ୍ରୀ-ପରବ

ରାଜ୍ୟର ଦକ୍ଷିଣ ଭାଗରେ ଅବସ୍ଥିତ ଜିଲ୍ଲାଗୁଡ଼ିକର ସାମାଜିକ ଓ ଆର୍ଥିକ ସର୍ବାଙ୍ଗୀନ ବିକାଶ ପାଇଁ ଶୀଘ୍ର ଦକ୍ଷିଣ ଓଡ଼ିଶା ପରିଷଦ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପ୍ରସ୍ତାବିତ ପରିଷଦ ପାଇଁ ସରକାର ୨୦୦ କୋଟି ଟଙ୍କାର ପାଣ୍ଠିର ବ୍ୟବସ୍ଥା କରିବେ । କୋରାପୁଟରେ ଆୟୋଜିତ ଜାତୀୟ ସ୍ତରୀୟ ଆଦିବାସୀ ଉତ୍ସବ **ପରବ** ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋରାପୁଟ ଜିଲ୍ଲାର ପର୍ଯ୍ୟଟନ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ୧୬୦ କୋଟି ଟଙ୍କା ବ୍ୟୟ କରାଯିବ । ଜନଜାତି ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ମାଝୀ ଏହି ଅବସରରେ ୫୨୧ କୋଟି ୨୭ଲକ୍ଷ ଟଙ୍କା ବ୍ୟୟରେ ୭୦ଟି ନୂଆ ବିକାଶ ପକଳ୍ପର ଶିଳାନ୍ୟାସ କରିବା ସହ ୨୩ କୋଟି ୯୪ ଲକ୍ଷ ଟଙ୍କା ମୂଲ୍ୟର ୧୬ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ ।

**V/O**

# ଜିରାମଜି

ବିକଶିତ ଭାରତ ଜିରାମଜି ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ ସରକାର ଗ୍ରାମାଞ୍ଚଳରେ ରୋଜଗାରକୁ ସୁନିଶ୍ଚିତ କରିଛନ୍ତି । ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଆଡ଼କୁ ଅଗ୍ରସର କରାଇବାରେ ଏହି ଆଇନ ସହାୟକ ହେବା ସହିତ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭଶୀଳ ଭାରତର ମୂଳଦୁଆକୁ ଅଧିକ ମଜବୁତ କରିବ । ଏଥିରେ ବେକାରୀ ଭତ୍ତା ପାଇଁ ଉନ୍ନତ ବ୍ୟବସ୍ଥା, ସଠିକ୍ ସମୟରେ ମଜୁରୀ ପୈଠ, ବିଳମ୍ବ କ୍ଷେତ୍ରରେ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମପଞ୍ଚାୟତ ଯୋଜନା ଗୁଡ଼ିକ ଭଳି ଅନେକ ସୁବିଧା ରହିଛି ।

## ଶିବରାଜ ସିଂହ ଚୌହାନ

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାର ପରବର୍ତ୍ତୀ ପଦକ୍ଷେପ ହେଉଛି ବିକଶିତ ଭାରତ ଜି. ରାମ ଜି.। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ପରିବାରର ବୟସ୍କ ସଦସ୍ୟଙ୍କୁ ପୂର୍ବ ଯୋଜନା ଅନୁଯାୟୀ ୧୦୦ ଦିନର ମଜୁରୀ ନିଯୁକ୍ତି ମିଳୁଥିବାବେଳେ ଏହି ଆଇନଦ୍ୱାରା ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କାମ ଆବଣ୍ଟନ ନ ହେଲେ ବେକାରୀ ଭତ୍ତା ଏବଂ ମଜୁରୀ ବିଳମ୍ବ ହେଲେ ଅତିରିକ୍ତ ପରିମାଣର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଚାଷ କାର୍ଯ୍ୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି । ବିଲ୍ ପାଇଁ ୧ ଲକ୍ଷ ୫୧ ହଜାର କୋଟି ଟଙ୍କାର ଅଧିକ ପ୍ରସ୍ତାବ ଦିଆଯାଇଛି । ପଞ୍ଚାୟତ ସଚିବ, ନିଯୁକ୍ତି ସହାୟକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ସମୟୋଚିତ ଓ ପର୍ଯ୍ୟାପ୍ତ ଦରମା ପ୍ରଦାନ

କରିବାପାଇଁ ବିଲ୍‌ରେ ପ୍ରଶାସନିକ ଖର୍ଚ୍ଚପାଇଁ ୬ ପ୍ରତିଶତରୁ ୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ଅଂଶ ରହିଛି ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

## ସ୍ୱତନ୍ତ୍ର ଇମେଲ୍

ରାଜ୍ୟର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁଠାରେ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଇ-ମେଲ୍ ବ୍ୟବହାର କରିବା ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ ହେଉଛି । ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ନିଜସ୍ୱ ଇ-ମେଲ୍ ଏବଂ ଗ୍ରୁପ୍ ୱେ ସଲ୍ୟୁସନ୍ ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ବିଭାଗରେ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ଲାଗି ଆଇଟି ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ ସମସ୍ତ ସଚିବ ଏବଂ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି । ଏହି ଇମେଲ୍‌ର ନାମ ହେଉଛି **@odisha.gov.in** ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ଇମେଲ୍ ଅତ୍ୟନ୍ତ ସୁରକ୍ଷିତ ଏବଂ ଆଧୁନିକ ବୋଲି ଆଇଟି ବିଭାଗ ପକ୍ଷରୁ କୁହାଯାଇଛି ।

## କନ୍ଧମାଳ-ବଡ଼ଦିନ

ବଡ଼ଦିନ ପାଳନକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଦୁଇଜଣ ଆଇପିଏସ୍ ଅଫିସର, ଫୁଲବାଣୀ ଏସ୍‌ପି ଏବଂ ବାଲିଗୁଡ଼ା ଡିଏସପିଙ୍କ ନେତୃତ୍ୱରେ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ପ୍ରବେଶପଥଗୁଡ଼ିକୁ

ବନ୍ଦ କରାଯିବା ସହ ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ୍ ଫ୍ଲାଗ୍‌ମାର୍ଚ୍ଚ କରି ଲୋକମାନଙ୍କୁ ସଚେତନ କରାଉଛନ୍ତି ।

## ସାଳନ୍ଦୀ ନଦୀବନ୍ଧ

ଭଦ୍ରକ ଜିଲ୍ଲା ଅନ୍ନପାଳ ପଞ୍ଚାୟତ ଦେଉଳପାଳ ଠାରେ ସାଳନ୍ଦୀ ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୧୨ କୋଟି ଟଙ୍କା ଅନୁଦାନରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ସାଳନ୍ଦୀ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାଜୁଆଳିବିନ୍ଧା ଗ୍ରାମରୁ ଦେଉଳ ପର୍ଯ୍ୟନ୍ତ ଏବଂ ବାମପାର୍ଶ୍ୱ ନଦୀବନ୍ଧ ବାରିକପୁରଠାରୁ ବିଲଣା ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ କରାଯିବ ।

## ଗଣିତ ଦିବସ

ପ୍ରଖ୍ୟାତ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୨୦୧୨ ମସିହାରୁ ଆଜିର ଦିନକୁ ଜାତୀୟ ସ୍ତରରେ ଗଣିତ ଦିବସ ଭାବେ ପାଳନ କରାଯାଉଛି । ଦୈନନ୍ଦିନ ଜୀବନରେ ଗଣିତର ମହତ୍ତ୍ୱ ସହିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ଉଦ୍ଭାବନରେ ଏହି ପାଠର ଭୂମିକା ଅତ୍ୟନ୍ତ ଭାବେ ନିବିଡ଼ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **ଗଣିତ, କଳା ଏବଂ ନବସୃଜନ** । ଗଣିତର ଧାରା, କଳାତ୍ମକ ଭାବନା ଏବଂ ସ୍ଥାୟୀ ବିକାଶ ପାଇଁ ନବସୃଜନକୁ ସଂଯୋଗ କରିବା ଏହି ଦିବସ ପାଳନର ମହତ୍ତ୍ୱ । ଏହି ଅବସରରେ

ଶିକ୍ଷାନୁଷ୍ଠାନଗୁଡ଼ିକରେ ଗଣିତଜ୍ଞ ରାମାନୁଜନ୍‌ଙ୍କ ଜୀବନ ଏବଂ ତାଙ୍କ ଗଣିତର ମହତ୍ୱ ବିଷୟରେ ଆଲୋଚନା କରାଯାଉଛି ।

---

## ପାଣିପାଗ

ରାଜ୍ୟର ସମସ୍ତ ଅଞ୍ଚଳରେ ରାତି ତାପମାତ୍ରା ହ୍ରାସ ପାଇବା ସହ ଥଣ୍ଡାର ପରିମାଣ ବୃଦ୍ଧି ପାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୭ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିଠାରେ ଗତକାଲି ସର୍ବନିମ୍ନ ରାତି ତାପମାତ୍ରା ୫ ଦଶମିକ୬ ଡିଗ୍ରୀ, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୭, ଶିମିଳିଗୁଡ଼ାରେ ୬ ଦଶମିକ ୭ ଓ କୋରାପୁଟରେ ୭ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା । ଆଜି ରାଜ୍ୟର ଉତ୍ତର ଓ ଆଭ୍ୟନ୍ତରୀଣ ଭାଗରେ ଅବସ୍ଥିତ ଜିଲ୍ଲାଗୁଡ଼ିକରେ ମଧ୍ୟମଧରଣର କୁହୁଡ଼ି ଦୃଶ୍ୟମାନ ହୋଇଥିବା ସୂଚନା ଦିଆଯାଇଛି ।

---